**୪୧୦୦ ଟଙ୍କାର ପଲିଥିନ ଜବତ**

ଗୁଣପୁର,(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ଦୋକାନରେ ଚଢାଉ କରାଯାଇ ୪୧୦୦ ଟଙ୍କାର ପଲିଥିନ ଜବତ କରାଯାଇଛି। ଏଥିରେ ପୌର ପରିଷଦର ଓ ପୋଲିସ କର୍ମଚାରୀ ସାମିଲ ଥିଲେ। ଗଚ୍ଛିତ ଥିବା ବେଆଇନ ପଲିଥିନ ଜବତ ସହ ଦୋକାନଗୁଡ଼ିକରୁ ଜରିମାନା ଆଦାୟ କରାଯାଇଛି।



## ସଂକ୍ଷେପରେ

### ମା' ଜଗଜ୍ଜନନୀଙ୍କ ରତ୍ନଗର୍ଭ ପ୍ରତିଷ୍ଠା ଉତ୍ସବ

ଜୟପୁର, ୧୯।୨ (ନି.ପ୍ର.)- ମାଘ ଶୁକ୍ଳ ସପ୍ତମୀ ତିଥିରେ ଶୁକ୍ରବାର ସହରର ଆରାଧ ଦେବୀ ମା' ଜଗଜ୍ଜନନୀଙ୍କ ଭବ୍ୟ ପ୍ରସାଦର ରତ୍ନଗର୍ଭ ପ୍ରତିଷ୍ଠା ଓ ରତ୍ନମୁଦ କାର୍ଯ୍ୟକ୍ରମ ବୈଦିକ ରୀତିରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଭକ୍ତମାନେ ଧାନ, ସୁନା, ରୁପା, ଟଙ୍କା ଆଦି ରତ୍ନମୁଦରେ ପକାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ୮ ତାରିଖରେ ବନଯାଗ କରାଯାଇଥିଲା। ୧୬ରେ ଆଙ୍କୁରାରୋପଣ, ୧୭ରେ କଳସଯାତ୍ରା ଓ ଯଜ୍ଞକର୍ମ କରାଯାଇଥିଲା। ଐତିହାସିକ ଜଗନ୍ନାଥ ସାଗରରୁ ଶତାଧିକ ମହିଳା କଳସଯାତ୍ରାରେ ମନ୍ଦିରରେ ପହଞ୍ଚିଥିଲେ। ୧୮ରେ ଠାକୁରଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା।

### ରାଧାକୃଷ୍ଣ ମନ୍ଦିର ପାଇଁ ଭୂମିପୂଜା



କୋରାପୁଟ,୧୯।୨(ସ୍ୱ.ପ୍ର.)-କୋରାପୁଟ ବ୍ଲକର ଗୌଡଗୁଡାଠାରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ନିର୍ମାଣ ନେଇ ଶୁକ୍ରବାର ଭୂମି ପୂଜା କରାଯାଇଛି। ସୁନା ଗୌଡ଼ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବିଲାପୁଟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ ମନ୍ଦିର ପାଇଁ ଶୁଭ ଦେଇଥିଲେ। କୋରାପୁଟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଅଣାଯାଇଥିଲା। ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଆଜ୍ଞାମାଳକୁ ଗାଁ ମୁଣ୍ଡରୁ ପୂଜାସ୍ଥଳ ପର୍ଯ୍ୟନ୍ତ ଆଣଇଥିଲେ। ଶାବର ଶ୍ରୀକ୍ଷେତ୍ରର ଗଦା ମହାରଣା, ସତ୍ୟ ମିଶ୍ର, ଅରୁଣ ଦାସଙ୍କ ସମେତ ବହୁ ପୂଜକ ଭୂମିପୂଜା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ଗୌଡ଼ଗୁଡା ଗ୍ରାମର ଡମ୍ବରୁ ଗୌଡ, ରବି ଗୌଡ, ପାର୍ବତୀ ଗୌଡ, କୃଷ୍ଣଚନ୍ଦ୍ର ମହାପାତ୍ର, ଆନନ୍ଦ ମହାରଣା, ଦେବଦତ ମହାପାତ୍ର, ସତ୍ୟ ନାରାୟଣ ରାଜଗୁରୁ, ତ୍ରିଲୋଚନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମାଲ୍କାନଗିରି,୧୯।୨(ଡି.ଏନ୍.ଏ.)- ମାଲ୍କାନଗିରି ସଦର ଚିଦାନନ୍ଦ ସାହିସ୍ଥିତ ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ବ୍ୟକ୍ତି ହେଲେ ସାହିର ଏମ୍. ସତ୍ୟମ୍‌ଙ୍କ ପୁଅ ଏମ୍. ଶିବା(୨୮)। ସୂଚନା ଅନୁଯାୟୀ, ଶିବା ଗୁରୁବାର ରାତିରେ ଘରେ ଶୋଇଥିଲେ। ସକାଳେ ପରିବାର ଲୋକେ ତାଙ୍କୁ ଉଠାଇବାକୁ ଯିବା ସମୟରେ ତାଙ୍କୁ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃଦଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଶିବା ମାତ୍ର ଦେଢ଼ମାସ ତଳେ ବିବାହ କରିଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ଯୋଗାଣ ଅଧିକାରୀଙ୍କ ଅଫିସ ଘେରାଉ

ଜୟପୁର, ୧୯।୨ (ନି.ପ୍ର.)

କୋରାପୁଟ ଜିଲାରେ ପ୍ରଶାସନର ଅବହେଳା ଯୋଗୁ ୬ଶହରୁ ଅଧିକ ଚାଷୀଙ୍କ ଟୋକେନ ଅବଧି ଶେଷ ହୋଇଥିବା କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏହା ବିରୋଧରେ ମଞ୍ଚ

- ଟୋକନ ଅବଧି ଶେଷ ପାଇଁ ପ୍ରଶାସନ ଦାୟୀ:କୃଷକ କଲ୍ୟାଣ ମଞ୍ଚ
- ଯୋଗାଣ ବିଭାଗ ଅଧିକାରୀଙ୍କ ସହ ଆଲୋଚନା
- ତୁରନ୍ତ ଧାନ ନ ଉଠିଲେ ପରିସ୍ଥିତି ଭୟଙ୍କର ଚେତାବନୀ

ସଦସ୍ୟମାନେ ଶୁକ୍ରବାର ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏଥିସହ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ଚାଷୀଙ୍କ ଧାନ କ୍ରୟ କରାଯାଉ, ନଚେତ୍ ଆଗାମୀ




କୃଷକ କଲ୍ୟାଣ ମଞ୍ଚ ସଦସ୍ୟମାନେ ଯୋଗାଣ ଅଧିକାରୀଙ୍କ ଅଫିସ ଘେରାଉ କରିଛନ୍ତି।

ଦିନରେ ପରିସ୍ଥିତି ଭୟଙ୍କର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଜାନୁୟାରୀ ୧୫ ତାରିଖରେ ଧାନ କିଣିବା ପାଇଁ ପ୍ରଶାସନ ପୂର୍ବରୁ କହିଥିଲା। ଏଥିପାଇଁ ଟୋକନ ପାଇଥିବା ଚାଷୀମାନେ ଜାନୁୟାରୀ ୫ତାରିଖରୁ ମଣ୍ଡିରେ ଧାନ ରଖିଥିଲେ। ସେତେବେଳେ କିନ୍ତୁ ଯାଞ୍ଚକରି ଟାର୍ଗେଟ ଆସିଲେ ଧାନ କିଣାଯିବ ବୋଲି ପ୍ରଶାସନ କହିଥିଲା। ଟାର୍ଗେଟ ୨୭ ତାରିଖରେ ଆସିଥିଲା। ଏହା ମଧ୍ୟରେ ୧୫ ତାରିଖ ପାଇଁ ଟୋକନ ପାଇଥିବା ପ୍ରାୟ ୭ଶହ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯାଇଥିଲା। ଏଥିପାଇଁ ପ୍ରଶାସନ ଦାୟୀ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। କୁନ୍ଦୁରା ଲ୍ୟାମ୍ପସରେ ରାଣିଗୁଡ଼ା ମଣ୍ଡିରେ ୫୦ ପ୍ରତିଶତ ଫଲ୍‌ସ ଏଣ୍ଟ୍ରି ହୋଇଛି ବୋଲି ମଞ୍ଚ ପକ୍ଷରୁ ଏଆର୍‌ସିଏସ୍‌ଙ୍କ ନିକଟରେ ଅଭିଯୋଗ ମଧ୍ୟ କରାଯାଇଛି। ଏହାର ତଦନ୍ତ କରିବାକୁ ଦାବି ହୋଇଛି। ସରକାରଙ୍କୁ ଅଧିକା ଟାର୍ଗେଟ ମଗାଯାଇଛି। ଆସିଲେ ଧାନ ଉଠାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

# ରାସ୍ତା, ପାନୀୟ ଜଳ ସମସ୍ୟା ସୁଧାର ପାଇଁ ଦାବିପତ୍ର

କୋରାପୁଟ, ୧୯।୨ (ସ୍ୱ.ପ୍ର.)

ରାସ୍ତା ନିର୍ମାଣ ସହ ଗାଁରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ସୋରିଷପଦର ଗ୍ରାମବାସୀ ଶୁକ୍ରବାର ଜିଲାପାଳ ମହମ୍ମଦ ଅବଦଲ ଅକ୍ତାରଙ୍କୁ ଭେଟି ଦାବି କରିଛନ୍ତି। ଅଞ୍ଚଳବାସୀ ବ୍ଲକ ପ୍ରଶାସନ ଓ ସରପଞ୍ଚଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ସମସ୍ୟାର ସମାଧାନ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ରଣସପୁର ପଞ୍ଚାୟତ ସୋରିଷପଦର ଗ୍ରାମରେ ପକ୍କାରାସ୍ତା ନ ଥିବାରୁ ଗମନାଗମନରେ ବିଶେଷ ଅସୁବିଧା ହେଉଛି। ଜରୁରିକାଳୀନ ସମୟରେ ରୋଗୀଙ୍କୁ ନେବା ଆଣିବାରେ ଅନେକ ସମସ୍ୟା ହେଉଛି। ପଞ୍ଚାୟତ ସଦରରୁ ଏହି ଗାଁ ୭ କି.ମି. ଦୂରରେ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଖାଉଟି ସମାଗ୍ରୀ ନେବାରେ



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ସୋରିଷପଦର ଗ୍ରାମବାସୀ।

**ଜିଲାପାଳଙ୍କୁ ଭେଟିଲେ ସୋରିଷପଦର ଗ୍ରାମବାସୀ**

ଲୋକଙ୍କୁ ଅସୁବିଧା ହେଉଛି। ଏଠାରେ ଏବେ ୫୫ ପରିବାର ବସବାସ କରୁଛନ୍ତି। ଗାଁରେ ରାସ୍ତା ସାଙ୍ଗକୁ ସ୍କୁଲ ଓ ପାନୀୟଜଳର ସୁବନ୍ଦୋବସ୍ତ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଗ୍ରାମବାସୀ ବାଧହୋଇ ଝରଣା ପାଣି ପିଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ଗାଁର ମାଗୁ ମୁଦୁଲି, ହେତୁ ଜାନି, ବୁଟୁ ମୁଦୁଲି, ଦିନୁ ମୁଦୁଲି, ଝିଟକୁ ମୁଦୁଲିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନିଲାମଗୁଡ଼ାରେ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

ରାମନାଗୁଡ଼ା,୧୯।୨(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ନିଲାମଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ, ବିଜେଡି ଜିଲା ସମ୍ପାଦକ ଗଗନ ଆଚାର୍ଯ୍ୟ, ପଞ୍ଚାୟତ ସମିତି ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ନିଲାମଗୁଡ଼ା ସରପଞ୍ଚ କାମେଶ୍ୱର ଗମାଙ୍ଗ, ବିଜୁ ଛାତ୍ର ଜନତା ଦଳର ସଭାପତି ପିଙ୍କୁ ପଣ୍ଡା, ସମିତି ସଭ୍ୟା ଗୀତାଞ୍ଜଳି ଦୋରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, କମଳ ମୁଟିକା, ରଞ୍ଜନ ନାୟକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଗୋଷ୍ଠୀ କେନ୍ଦ୍ର ଦ୍ୱାରା ସାଧାରଣ ଲୋକେ ସୁଫଳ ପାଇବେ ବୋଲି ଅତିଥିମାନେ କହିଛନ୍ତି।

# ଚାଷୀଙ୍କ ଧାନ ଶୀଘ୍ର ଉଠାଯାଉ

କୋଷାଗୁମୁଡା,୧୯।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଲ୍ୟାମ୍ପସରେ ବିଭିନ୍ନ ପ୍ରକାର ଅନିୟମିତତା ଯୋଗୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି। ଚାଷୀଙ୍କ ଧାନ ଶୀଘ୍ର ଉଠାଇବାକୁ ଭାଜପା ପକ୍ଷରୁ ଲ୍ୟାମ୍ପସ ଏମ୍‌ଡିଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଚାଷୀମାନେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଏହାପରେ ସେମାନଙ୍କ ପାଖକୁ ଟୋକନ ଆସିଛି। କିନ୍ତୁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି। ଲ୍ୟାମ୍ପସ ଏମ୍‌ଡି, କର୍ମଚାରୀ ଏବଂ ମିଲର୍ସଙ୍କ ଯୋଗୁ ଚାଷୀ ହଇରାଣ ହେଉଛନ୍ତି। ଟୋକନ ଥାଇ ମଧ୍ୟ ଧାନ ବିକ୍ରି ହେଉନାହିଁ। ବିଭିନ୍ନ ପ୍ରକାର ଆଳ ଦେଖାଇ ଚାଷୀଙ୍କ ଧାନ ନିଆଯାଉନାହିଁ। ଚଳିତ ମାସରେ ଚାଷୀଙ୍କୁ ୩୦ ପ୍ରତିଶତ ଧାନ କ୍ରୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ତାହା ଏଯାବତ୍ କାର୍ଯ୍ୟକାରୀ ହେଉନାହିଁ।



ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମୀମାନେ।

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର**

କେବଳ ବଡ଼ ବଡ଼ ଚାଷୀ, ବେପାରୀ, ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ଧାନ କିଣାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ତୁରନ୍ତ ମଣ୍ଡିରୁ ଧାନ ନ ଉଠିଲେ ଆନ୍ଦୋଳନ ହେବ ବୋଲି ଭାଜପା କହିଛି। ଲ୍ୟାମ୍ପସ ପରିଚାଳକ ଅନୁପସ୍ଥିତ ଥିବା ଯୋଗୁ ଡାଟା ଅପରେଟର ଦାବିପତ୍ର ଗ୍ରହଣ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ମାଝି, କୋଷାଗୁମୁଡ଼ା ମଣ୍ଡଳ ସଭାପତି ସତ୍ୟନାରାୟଣ ବିଶୋୟୀ, ଯୁବ ସଭାପତି ସୁରେଶ, ପଦ୍ମନ ଗୌଡ଼, ସଦାଶିବଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

## ମଇଁଷି ଚରାଳିଙ୍କ ମୃତଦେହ ଜବତ

### ତଦନ୍ତ ଦାବି କଲା ପରିବାର

ରାମନାଗୁଡ଼ା/ଗୁଣପୁର, ୧୯।୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ନିଲାମଗୁଡ଼ା ପଞ୍ଚାୟତର ଅମଡିଙ୍ଗ ଗ୍ରାମରୁ ଶୁକ୍ରବାର ଜଣେ ମଇଷି ଚଳାଳିଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଗ୍ରାମର ଯୁଧିଷ୍ଠିର ଗୌଡ଼(୭୦)। ସବୁଦିନ ପରି ଗୁରୁବାର ସେ ମଇଷିଁ ଚରାଇବାକୁ ଯାଇଥିଲେ। ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି କରିବା ପରେ ଅମଡିଙ୍ଗ–ଡ଼ମ୍ବୁରିଗୁଡା ଗ୍ରାମ ନିକଟ ନାଳ ପାର୍ଶ୍ୱରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପରିବାର ଲୋକେ ଗୁଣୁପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ମଧ୍ୟ ଯୁଧିଷ୍ଠିରଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିବା ସହ ତଦନ୍ତ ଦାବି କରିଛନ୍ତି।

# ରକ୍ତଭଣ୍ଡାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ଦାବି

ଜୟପୁର ୧୯।୨ (ନି.ପ୍ର.)

ରକ୍ତଭଣ୍ଡାରକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ଜୟପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାହାଯ୍ୟ'ଗ୍ରୁପ୍ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଗ୍ରୁପ୍‌ର ସଦସ୍ୟମାନେ ଜିଲାପାଳ ହେମକାନ୍ତ ସାୟଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଜିଲା ଚିକିତ୍ସାଳୟଠାରୁ ପ୍ରାୟ ୫ କି.ମି. ଦୂରରେ ରକ୍ତଭଣ୍ଡାର ରହିଛି। ସବୁ ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ସେଠାକୁ ଯିବା ସମ୍ଭବପର ନୁହେଁ, ବିଶେଷକରି ରାତିରେ। ସେହିଭଳି ଜରୁରିକାଳୀନ ସମୟରେ ରୋଗୀଙ୍କୁ ଏହାର ଲାଭ ମିଳିପାରୁନାହିଁ। ସେହିଭଳି ଡାକ୍ତରଖାନାଠାରୁ ରକ୍ତଭଣ୍ଡାର ଦୂରରେ ହୋଇଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି। ଡାକ୍ତରଖାନା ପକ୍ଷରୁ ରୋଗୀଙ୍କ ସୁବିଧା ପାଇଁ ଗୋଟିଏ ଆମ୍ବୁଲାନ୍ସ ଓ ଡ୍ରାଇଭର

**ଉପଜିଲାପାଳଙ୍କୁ ଦାବି ଜଣାଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାହାଯ୍ୟ'**

ରହିଛନ୍ତି। ତେଣୁ ସମସ୍ତଙ୍କୁ ଏହାର ଲାଭ ମିଳିପାରୁନାହିଁ। ଆମ୍ବୁଲାନ୍ସ ଇନ୍ଧନ ଖର୍ଚ୍ଚ ମାସକୁ ୫୦ହଜାର ଟଙ୍କା ହେଉଛି। ତେଣୁ ରକ୍ତଭଣ୍ଡାରକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉ ବୋଲି 'ସାହାଯ୍ୟ' ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ରୋଗୀ ଠିକ୍ ସମୟରେ ରକ୍ତ ପାଇପାରିବେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଚକ୍ଷୁ ବିଭାଗକୁ ଉପଖଣ୍ଡ ଚିକିତ୍ସାଳୟ କୋଠାକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ କୋଠାରେ ହିଁ ରକ୍ତଭଣ୍ଡାର କଲେ ଠିକ୍ ହେବ ବୋଲି ସାହାଯ୍ୟର ପବିତ୍ର ମୋହନ ପାତ୍ର, କାର୍ତ୍ତିକ ରାଉତ, ସୁଶାନ୍ତ ପଣ୍ଡା, ଜୟନ୍ତୀ ନାୟକ, ସତ୍ୟ ତ୍ରିପାଠୀ, ମୁରଲୀ ପଟ୍ଟନାୟକ, ଜୟନ୍ତ ସାମନ୍ତରାୟ ଦାବି କରିଛନ୍ତି।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପ୍ରତିଯୋଗୀମାନେ।

ଜୟପୁର, ୧୯।୨(ନି.ପ୍ର.)

ଜୟପୁରସ୍ଥିତ କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ସାରସ୍ୱତ ମହିଳା ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନସୂୟା ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କନକ ରଥ ମୁଖ୍ୟ ଅତିଥି, କ୍ରିଷ୍ଣାକୁମାରୀ ନନ୍ଦ ମୁଖ୍ୟବକ୍ତା, ଜାନକୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିଶୁ ଓ ମହିଳାଙ୍କ ମନରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ, ଉଦ୍‌ବେଗ ସୃଷ୍ଟି କରିବା ସଂସଦର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଉପଲକ୍ଷେ ପ୍ରବନ୍ଧ, ପୁଚି, ଦୌଡ଼,

**ସାରସ୍ୱତ ମହିଳା ସଂସଦର ପ୍ରଥମ ବାର୍ଷିକ ଉତ୍ସବ**

ନାଚ, ଗୀତ, କୌତୁକ ପୋଷାକ ଆଦି ପ୍ରତିଯୋଗିତା କରାଯାଇ ଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶଶୀରେଖା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ସରସ୍ୱତୀ ସାହୁ, କବିତା ସାହୁ, ରୀତାଞ୍ଜଳୀ ଡାକୁଆ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଅନେକ ମହିଳା ଓ ଶିଶୁ ଉପସ୍ଥିତ ଥିଲେ।

# ଜାତୀୟ ମଙ୍ଗଳ ଯୋଜନାରେ ସାମିଲ ନେଇ ଦାବି



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଜୟନଗର ଅଞ୍ଚଳର ମହିଳାମାନେ।

ଜୟପୁର, ୧୯।୨ (ନି.ପ୍ର.)

ଜାତୀୟ ମଙ୍ଗଳ ଯୋଜନାରେ ସାମିଲ କରିବା ପାଇଁ ଦୀର୍ଘ ୧ବର୍ଷ ହେବ ଆବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏ ନେଇ ଶୁକ୍ରବାର ଜୟପୁର ଜୟନଗର ଅଞ୍ଚଳର ବତି ମୁଦୁଲି, ଶାନ୍ତି ଓ ତୁଳସା ଜାନି ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମହିଳାମାନେ ଶ୍ରମିକ ଭାବେ କାମ କରୁଛନ୍ତି। ଏଥିପାଇଁ ଜାତୀୟ ମଙ୍ଗଳ ଯୋଜନାରେ ସରକାରଙ୍କ ପକ୍ଷରୁ ସାହାଯ୍ୟ ମିଳିଲେ ଉପକୃତ ହୋଇପାରିବୁ ବୋଲି ମହିଳାମାନେ ଉପଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଆବେଦନ କରି ୧ବର୍ଷ ବିତିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତେଣୁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛୁ ବୋଲି ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ଅବଗତ ହେଲି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ହେମକାନ୍ତ ସାୟ କହିଛନ୍ତି।

# ମେରାକାନିରେ ଆରମ୍ଭ ହେଲା ଉନ୍ନୟନ କାର୍ଯ୍ୟ

ତେନ୍ତୁଳିଖୁଣ୍ଟି, ୧୯।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଦୁର୍ଗମ ଗାଁ ମେରାକାନିରେ ଶୁକ୍ରବାର ବିଡିଓ ପଦ୍ମନାଭ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉନ୍ନୟନ କାମ ଆରମ୍ଭ ହୋଇଛି। ପୋତିହୋଇ ଯାଇଥିବା ପୁରୁଣା ଆଡ଼ିବନ୍ଧର ପୁନରୁଦ୍ଧାର କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆରମ୍ଭ ହୋଇଛି। ଜଙ୍ଗଲ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଗୋରୁଙ୍କ ପ୍ରତି ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଛି। ଏଣୁ ଟ୍ରେଞ୍ଚ କାମ କରାଯାଉଛି। ଗୃହପାଳିତ ପ୍ରାଣୀଙ୍କ ପାଇଁ ଗୁହାଳ କାମ ମଧ୍ୟ ଆରମ୍ଭ କରାଯାଇଛି। ରାସ୍ତା କାମ ସମେତ ପ୍ରାୟ ୭୯ଲକ୍ଷ ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଉଛି। ଜଙ୍ଗଲ ଜମି ପଟ୍ଟାରୁ ବଞ୍ଚିତ ଗ୍ରାମବାସୀଙ୍କଠାରୁ ଜମି ପ୍ରଦାନ ପାଇଁ ଆବେଦନ ପତ୍ର ଗ୍ରହଣ କରାଯାଇଛି। ବିଡିଓଙ୍କ ସମେତ ମୃତ୍ତିକା

**୭୯ଲକ୍ଷ ଟଙ୍କା ବ୍ୟୟ ଅଟକଳ**

ସଂରକ୍ଷଣ ବିଭାଗର ମୋହନ ରାଓ, ଅଗ୍ରଗାମୀର କୁଳମଣି ଜଗନ୍ନାଥ ଜେନା, ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ୯ ତାରିଖରେ ଜିଲାପାଳ ଅଜିତ୍ କୁମାର ମିଶ୍ର ମେରାକାନି ଗସ୍ତକରି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏଠାକାର ସମସ୍ୟା ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ପ୍ରତିଶ୍ରୁତି ମୁତାବକ ଶୁକ୍ରବାରଠାରୁ ଏଠାରେ ଉନ୍ନୟନ କାମ ଆରମ୍ଭ କରାଯାଇଛି।



କାମ କରିବାକୁ ଆସିଥିବା ଶ୍ରମିକମାନେ।

# ଡାକଘର ଜମାଖାତାରୁ ଟଙ୍କା ହେରଫେର

ବୈପାରିଗୁଡ଼ା, ୧୯।୨(ଡି.ଏନ୍.ଏ.)

ବୈପାରିଗୁଡ଼ା ବ୍ଲକ ମାଝିଗୁଡ଼ା ପଞ୍ଚାୟତ ମହୁଲପୁଟ ଗ୍ରାମର ପ୍ରାୟ ୬୦ ଜଣ ଡାକଘର ଜମାକାରୀଙ୍କ ଖାତାରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାହକମାନେ ଶୁକ୍ରବାର ବୈପାରିଗୁଡ଼ା ସବ୍‌ପୋଷ୍ଟ ମାଷ୍ଟରଙ୍କୁ ଭେଟି ଜୟପୁର ଉପଖଣ୍ଡୀୟ ନିରୀକ୍ଷକଙ୍କ ନିକଟଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି।

ପ୍ରକାଶ ଯେ ମହୁଲପୁଟ ଗ୍ରାମର ମାଳୀ ସମ୍ପ୍ରଦାୟ ଲୋକେ ମାଝିଗୁଡ଼ା ବ୍ରାଞ୍ଚ ପୋଷ୍ଟ ଅଫିସ୍‌ରେ ଏସ୍‌ବି ଓ ଆର୍‌ଡି ଖାତା ଖୋଲି ନିୟମିତ ଟଙ୍କା ଜମା କରୁଛନ୍ତି। ଟଙ୍କା ଜମା ସମ୍ପର୍କିତ ତଥ୍ୟ ଉଲ୍ଲେଖ କରିବା ସହ ମୋହର ଓ ସ୍ୱାକ୍ଷର ମାରି ତତ୍କାଳୀନ ପୋଷ୍ଟମାଷ୍ଟର ସେମାନଙ୍କୁ ପାସ୍ ବୁକ୍




ଅଭିଯୋଗ କରିବାକୁ ଆସିଥିବା ଜମାକାରୀ।

ଫେରାଉଥିଲେ। ଗତ ଅକ୍ଟୋବର ମାସରେ କେତେ ଜଣ ଜମାକାରୀଙ୍କୁ ନୂଆ ପାସ୍ ବୁକ୍ ଯୋଗାଇଦେବା ଆଳରେ ସମ୍ପୃକ୍ତ ପୋଷ୍ଟ ମାଷ୍ଟର ପୁରୁଣା ପାସ୍ ବୁକ୍ ସହ ମୁଣ୍ଡ ପିଛା ୫ ଶହ ଟଙ୍କା ଆଦାୟ କରିଥିଲେ। ଅନେକଙ୍କ ଆର୍‌ଡି ଜମା ମିଆଦ ପୂରିଯିବାରୁ ଟଙ୍କା ଉଠାଇବାକୁ ଆସିଲେ ବିଭିନ୍ନ ଆଳ ଦେଖାଇ ଉକ୍ତ ପୋଷ୍ଟ ମାଷ୍ଟର ସେମାନଙ୍କୁ ଫେରାଇ ଦେଉଥିଲେ। ଗତ ୧ ତାରିଖରେ ସମ୍ପୃକ୍ତ ପୋଷ୍ଟମାଷ୍ଟର ଆତ୍ମହତ୍ୟା କରିଛନ୍ତି। ଉକ୍ତ ଘଟଣାକୁ ନେଇ ଜମାକାରୀଙ୍କ ମନକୁ ସନ୍ଦେହ ଆସିବାରୁ ସେମାନେ ପାସ୍‌ବୁକ୍ ଆଣି ବୈପାରିଗୁଡ଼ା ସବ୍‌ପୋଷ୍ଟ ଅଫିସ୍‌ରେ ଯାଞ୍ଚ କରିଥିଲେ। ତେବେ ପାସ୍ ବୁକ୍‌ରେ ଜମା ସମ୍ପର୍କିତ ତଥ୍ୟ ଉଲ୍ଲେଖ ଥିଲେ ମଧ୍ୟ ବାସ୍ତବରେ ଡାକଘର ସଞ୍ଚୟ ଖାତାରେ ଜମା ହୋଇ ନ ଥିବା ଜଣାପଡିଥିଲା। ଜମାକାରୀଙ୍କ ମଧ୍ୟରୁ ଚିତ୍ତରଞ୍ଜନ ମାଳୀ,କମଳା ମାଳୀଙ୍କ ୧୮ ହଜାର ଟଙ୍କା ଲେଖାଏଁ, ପଦ୍ମିନୀ ମାଳୀ, ମତି ମାଳୀ, ନରହରି ମାଳୀଙ୍କ ୧୨ ହଜାର ଟଙ୍କା ଲେଖାଏଁ, ଲଳିତା ମାଳୀଙ୍କ ୧୭ ହଜାର ୭ ଶହ ଟଙ୍କା ସମେତ ୬୦ ଜଣ ଜମାକାରୀଙ୍କର ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଜଣାପଡ଼ିଛି। ଅଧିକାଂଶ ଜମାକାରୀଙ୍କ ପାସ୍‌ବୁକ୍ ମୃତ ପୋଷ୍ଟମାଷ୍ଟର ଫେରାଇ ନ ଥିବାରୁ ସେମାନେ ଟଙ୍କା ଫେରିପାଇବା ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଜୟପୁର ଉପଖଣ୍ଡୀୟ ନିରୀକ୍ଷକ ଶ୍ରୀକାନ୍ତ କୁମାର ମହଲାଙ୍କ ସହ ଯୋଗାଯୋଗ କରିବାରୁ ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

